


## ଟିଜି-ଫେମ୍ ଶୃଙ୍ଖଳା

(ଲକ୍ଷ୍ୟ ସମୂହ - ଆର୍ଥିକ ସଚେତନତା ସନ୍ଦେଶ)



# ଚାଷୀମାନଙ୍କ ପାଇଁ ଆର୍ଥିକ ସାକ୍ଷରତା

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ୍

**ସନ୍ଦେଶ ୧**

କିସାନ୍ କ୍ରେଡିଟ୍ କାର୍ଡ ଯୋଜନା- ମୁଖ୍ୟତଃ ଫସଲ ଋଣ ଆବଶ୍ୟକତା ପାଇଁ ଏବଂ ଆଶିଂକ ରୂପରେ ଉପଯୋଗ ଉଦ୍ଦେଶ୍ୟରେ ।

**ସନ୍ଦେଶ ୨**

ଫସଲ ଋଣର ଶୀଘ୍ର ପରିଶୋଧର ଅନେକ ଉପକାର ବା ସୁବିଧା ।

**ସନ୍ଦେଶ ୩**

କୃଷି ଉତ୍ପାଦର ଅଭାବୀବିକ୍ରିରୁ ଦୂରେଇ ରୁହନ୍ତୁ । ଗୋଦାମ ରସିଦ୍ ବଦଳରେ ପ୍ରାପ୍ୟ ଋଣର ଉପଯୋଗ କରନ୍ତୁ ।

**ସନ୍ଦେଶ ୪**

ଫସଲ ବୀମା - ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା **(PMFBY)**

**ସନ୍ଦେଶ ୫**

ପ୍ରାକୃତିକ ବିପତ୍ତି ଯୋଗୁଁ ଫସଲ ହାନି ହେଲେ ଧୈର୍ଯ୍ୟ ହରାନ୍ତୁ ନାହିଁ । ଆପଣଙ୍କ ବ୍ୟାଙ୍କ୍‌କୁ ଫସଲ କ୍ଷତିର ମାତ୍ରା ସମ୍ପର୍କରେ ଅବଗତ କରାନ୍ତୁ ଏବଂ ବ୍ୟାଙ୍କ୍‌ଠାରୁ ସହାୟତା ମାଗନ୍ତୁ ।

କିସାନ କ୍ରେଡିଟ୍ କାର୍ଡ ଯୋଜନା
ମୁଖ୍ୟତଃ ଫସଲ ଋଣ ଆବଶ୍ୟକତା ପାଇଁ
ଏବଂ ଆଂଶିକ ରୂପରେ ଉପଯୋଗର
ନିଜର ଖର୍ଚ୍ଚ ଉଦ୍ଦେଶ୍ୟରେ ।

କୃଷି ଉତ୍ପାଦର
ସଙ୍କଟବିକ୍ରୀଠାରୁ ଉତ୍ପାଦନତ୍ତୋର
ଅମଳ ଗୋଦାମ ରସିଦ୍ ବଦଳରେ
ଋଣ ନେଇପାରିବେ । #

ଫସଲ ଋଣର ଶୀଘ୍ର ପରିଶୋଧର
ଅନେକ ଉପକାର-ସୁଧଛାଡ଼ ଆର୍ଥିକ
ସାହାଯ୍ୟ ଯୋଜନା । *



ପ୍ରାକୃତିକ ବିପତ୍ତି ସମୟରେ ଫସଲହାନି
ହେଲେ ଧୈର୍ଯ୍ୟ ହରାନ୍ତୁ ନାହିଁ ।ଆପଣଙ୍କ
ବ୍ୟାଙ୍କ୍‌କୁ ଫସଲ କ୍ଷତିର ମାତ୍ରା ସମ୍ପର୍କରେ
ଅବଗତ କରାନ୍ତୁ ଏବଂ ବ୍ୟାଙ୍କ୍ ଠାରୁ ଋଣ
ପୁର୍ନରଚନା ସକାଶେ ସହାୟତା ମାଗନ୍ତୁ ।

ଆପଣଙ୍କ ଫସଲର ବୀମା କରନ୍ତୁ ଓ
ନିଜକୁ ସୁରକ୍ଷିତ  ରଖନ୍ତୁ । ଫସଲକୁ
ପ୍ରଧାନମନ୍ତ୍ରୀ ଫସଲ ବୀମା
ଯୋଜନାରେ ବୀମାଭୁକ୍ତ କରାନ୍ତୁ ।

* ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ କରାଯାଉଥିବା ଘୋଷଣା ଅନୁଯାୟୀ ।
\# କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ

## ସନ୍ଦେଶ ୧ - କିସାନ କ୍ରେଡିଟ୍ କାର୍ଡ ଯୋଜନା -ମୁଖ୍ୟତଃ ଫସଲ ଋଣ ଆବଶ୍ୟକତା ପାଇଁ ଏବଂ ଆଂଶିକ ରୂପରେ ଉପଯୋଗ ଉଦ୍ଦେଶ୍ୟରେ ।

ଫସଲ ଉତ୍ପାଦନ ସମୟରେ ଚାଷୀମାନଙ୍କୁ ଠିକ୍ ସମୟରେ ପର୍ଯ୍ୟାପ୍ତ ମାତ୍ରାରେ ଋଣ ପ୍ରଦାନ ବ୍ୟତୀତ ଆକସ୍ମିକ ଖର୍ଚ୍ଚ ପୂରଣ କରିବା କିଷାନ୍ କ୍ରେଡିଟ୍ କାର୍ଡ ଯୋଜନାର ମୂଳ ଲକ୍ଷ୍ୟ । ଏହା ସହିତ ଏହି ଯୋଜନାରେ ସହଜ ଉପାୟରେ କୃଷି ସମ୍ବନ୍ଧୀୟ ଅନୁସଂଗିକ କାର୍ଯ୍ୟ ପାଇଁ ଓ ଅନ୍ୟାନ୍ୟ ଖର୍ଚ୍ଚ୍ ନିମନ୍ତେ ଋଣ ଯୋଗାଇ ଦିଆଯାଇଥାଏ ।



୧ ଫସଲ ଚାଷ ପାଇଁ ସ୍ୱଳ୍ପ ମିଆଦୀ ଋଣ ଆବଶ୍ୟକତାକୁ ପୂରଣ କରିବା ।



୨ ଫସଲ ଉତ୍ପାଦନ ପରବର୍ତ୍ତୀ ଖର୍ଚ୍ଚ



୩ କୃଷି ଉତ୍ପାଦର ବିପଣନ ପାଇଁ ଋଣ ।



୪ ଚାଷ ସମ୍ପତ୍ତି ଓ କୃଷି ସମ୍ବନ୍ଧିତ ଆନୁସଂଗିକ ଗତିବିଧି ଯେପରିକି ଗୃହପାଳିତ ପଶୁ, ଅନ୍ତର୍ଦେଶୀୟ ମତ୍ସ୍ୟଚାଷ ଇତ୍ୟାଦି ସକାଶେ କାର୍ଯ୍ୟଶୀଳ ପୁଞ୍ଜି ।



୫ ଚାଷୀ ପରିବାରର ଉପଭୋଗ ପାଇଁ ସମ୍ବନ୍ଧିତ ଆବଶ୍ୟକତା ପାଇଁ ।




୬ ଚାଷ ଓ ଆନୁବଂଶୀକ କାର୍ଯ୍ୟ ପାଇଁ ଯଥା; ପମ୍ପସେଟ୍, ସ୍ପ୍ରେୟର୍, ଗୃହପାଳିତ ପଶୁ ଇତ୍ୟାଦିରେ ଖର୍ଚ୍ଚ ।




**ସୂଚନା :**
କ୍ରମାଙ୍କ ୧ ରୁ ୫ ପର୍ଯ୍ୟନ୍ତ ସ୍ୱଳ୍ପମିଆଦୀ ଋଣ ସୀମାର ଅଂଶ ଓ କ୍ରମାଙ୍କ ୬ ଦୀର୍ଘମିଆଦୀ ଋଣ ସୀମାର ଅଂଶ ଅଟେ ।

**KCC** ଅଧୀନରେ ସ୍ୱଳ୍ପମିଆଦୀ ଋଣ ସୀମାର ଶତକଡ଼ା ୧୦ଭାଗ ପର୍ଯ୍ୟନ୍ତ ଘରୋଇ ଉପଯୋଗ ଉଦ୍ଦେଶ୍ୟରେ ବ୍ୟବହୃତ ହୋଇପାରୁଥିବା ସ୍ଥଳେ ଉପଯୋଗ ନିମିତ୍ତ ଅଧିକ ଧନରାଶି ବ୍ୟୟ ପାଇଁ ବ୍ୟବହାର କରିବା ଉଚିତ୍ ନୁହେଁ ।




କାହିଁକି ?

**KCC** ର ଉଦ୍ଦେଶ୍ୟ ହେଉଛି ଆପଣଙ୍କ ଫସଲ ଋଣର ଆବଶ୍ୟକତା ପୂରଣ କରିବା । ତହିଁରୁ ଅଧିକ ଭାଗ ଘରୋଇ ଖର୍ଚ୍ଚରେ ବ୍ୟୟ କଲେ ଆପଣଙ୍କ ଆୟର ସ୍ରୋତ ବଢାଇବା କ୍ଷମତା ଉପରେ ପ୍ରଭାବ ପକାଇବ । ଆପଣଙ୍କ କୃଷି ଗତିବିଧିରୁ ପ୍ରାପ୍ତ ଆୟ ଆପଣଙ୍କ **KCC** ଯୋଜନାରୁ ନେଇଥିବା ବକେୟା ଋଣ ପରିଶୋଧ କରିବାରେ ସାହାର୍ଯ୍ୟ କରିଥାଏ । ଯେତେବେଳେ ଏହି ଅର୍ଥକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟୟ କରିଦେବେ, ଆପଣ ଋଣକୁ ପରିଶୋଧ କରିବା ଅବସ୍ଥାରେ ରହିପାରିବେ ନାହିଁ ।



## କିସାନ କ୍ରେଡିଟ୍ କାର୍ଡର ବିଶେଷତା

**୧** କିସାନ କ୍ରେଡିଟ୍ କାର୍ଡର ଉଧାରକର୍ତ୍ତାଙ୍କୁ ଏକ ଏଟି ଏମ୍ ଓ ଡେବିଟ୍ କାର୍ଡ ପ୍ରଦାନ କରାଯାଏ,ଯାହାଦ୍ୱାରା ATM ମାଧ୍ୟମରେ KCC ଖାତାରୁ ଟଙ୍କା ଉଠାଇ ପାରିବେ ଓ POS ଟର୍ମିନାଲ୍ ମାଧ୍ୟମରେ ଟଙ୍କା ଦେଇପାରିବେ ।

**୨** KCC ଏକ ପୁନଃପୌନିକ ଖାତା ରୂପେ ରହିବ । ଖାତାରେ ଯଦି କ୍ରେଡିଟ୍ ବାଲାନ୍ସ ରହିବ ଏହା ଉପରେ ସଞ୍ଚୟ ବ୍ୟାଙ୍କ୍ ହାରରେ ସୁଧ ମିଳିବ ।

**ଏକ ଲକ୍ଷ ଷାଠିଏ ହଜାର ଟଙ୍କା ପର୍ଯ୍ୟନ୍ତ ଋଣରୁ ସହପାର୍ଶ୍ୱିକ ବନ୍ଧକର ଆବଶ୍ୟକତା ନାହିଁ ।**

**ସନ୍ଦେଶ-୨ ଫସଲ ଋଣର ତ୍ୱରିତ ପରିଶୋଧର ଅନେକ ସୁବିଧା ବା ଲାଭ ରହିଛି ।**

ବ୍ୟାଙ୍କ୍‌ରୁ ଉଧାର ନେଲେ



୨୦୧୭-୧୮ ବର୍ଷ ପାଇ ୩ ଲକ୍ଷ ଟଙ୍କା ପଯ୍ୟନ୍ତ ସ୍ୱଳ୍ପମିଆଦୀ ଫସଲ ଋଣ ଉପରେ ଶତକଡ଼ା ୪ ହାରରେ ସୁଧ । (ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ ଘୋଷଣା ଅନୁଯାୟୀ ସୁଧ ଛାଡ଼ ରୂପେ ଆର୍ଥିକ ସହାୟତା ।)

---

ଅଣପଞ୍ଜୀକୃତ ସଂସ୍ଥା/ସାହୁକାର ଠାରୁ ଉଧାର ନେଇଥିଲେ



ଉଚ୍ଚ ସୁଧହାର(ସହପାର୍ଶ୍ୱିକ ବନ୍ଧକର ଆବଶ୍ୟକତା ଥାଏ/ନଥାଏ) ।

---

ଠିକ୍ ସମୟରେ ଋଣ ଓ ସୁଧ ପୈଠ କରିବାର ଲାଭ ।




→ କ୍ରେଡିଟ୍ ସ୍କୋର୍ ରେ ଉନ୍ନତି
→ ପରବର୍ତ୍ତୀ ସମୟରେ ଅଧିକ ଋଣ ରାଶି
→ ସୁଧ ଖର୍ଚ୍ଚରେ ହ୍ରାସ

ଶତକଡ଼ା ୪ ହାରରେ ସୁଧ ପାଇବା ପାଇଁ ଯୋଗ୍ୟ ହେବା ପାଇଁ ଚାଷୀଙ୍କୁ ବ୍ୟାଙ୍କ୍ ଦ୍ୱାରା ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପୈଠ କରିବାକୁ ହେବ । (କୌଣସି ଅବସ୍ଥାରେ ଏହା ଏକ ବର୍ଷରୁ ଅଧିକ ହେବ ନାହିଁ )।

**ସନ୍ଦେଶ-୩ : କୃଷି ଉତ୍ପାଦ ଅଭାବୀବିକ୍ରିରୁ ଦୂରେଇ ରୁହନ୍ତୁ ।**
**ଗୋଦାମ ରସିଦ୍ ବଦଳରେ ପ୍ରାପ୍ୟ ଋଣର ଉପଯୋଗ କରନ୍ତୁ ।**

ଯଦିଓ ଆପଣ ଉତ୍ତମ ଅମଳ କରିଛନ୍ତି, ଆପଣଙ୍କ କାମ ଅଧା ହୋଇଛି,
ଆପଣ ଆପଣଙ୍କ ଉତ୍ପାଦିତ ଦ୍ରବ୍ୟକୁ ଅଧିକ ଭଲ ଦରରେ ବିକ୍ରୟ କରିବା ବି ଆବଶ୍ୟକ ।



କମ୍ ଦାମ୍‌ରେ ବିକ୍ରୟ କରନ୍ତୁ ନାହିଁ

ଗୋଦାମ ଘରର ଉପଯୋଗ କରନ୍ତୁ ।



ଆପଣ ଯଦି ଅନୁଭବ କରନ୍ତି ଯେ ଆପଣ ଉଚିତ୍ ମୂଲ୍ୟ ପାଉନାହାନ୍ତି, ଗୋଦାମ ଘରେ ରସିଦ୍ ପ୍ରାପ୍ତ କରି ଜମା ରଖନ୍ତୁ । ଏହା ବଦଳରେ ବ୍ୟାଙ୍କ୍‌ରୁ ନିଜର ଜରୁରୀ ଆବଶ୍ୟକତା ପରିପୂର୍ତ୍ତି ସକାଶେ ଅର୍ଥପ୍ରାପ୍ତ କରିପାରିବେ । ସୁଧ ଛାଡର ସୁବିଧା କେବଳ **KCC** ପ୍ରାପ୍ତ କରିଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଇଁ ଉପଲବ୍ଧ । ଅମଳ ପରେ ପରବର୍ତ୍ତୀ ୬ ମାସ ଯାଏଁ ଏ ସୁବିଧା ମିଳିବ, ଯାହାର ସୁଧ ଶତକଡା ୭ ହାରରେ ରହିବ, ଏହା ଜମା କରିଥିବା ପ୍ରମାଣପତ୍ର ସ୍ୱରୂପ ଆପଣଙ୍କର ଉତ୍ପାଦ ପାଇଁ ଗୋଦାମ ଘରୁ ଜାରି କରାଯାଇଥିବା ରସିଦ୍ ଉପରେ ନିର୍ଧାର୍ଯ୍ୟ ହେବ ।

* ଭାରତ ସରକାରଙ୍କ ଦ୍ୱାରା ସମୟ ସମୟରେ ଘୋଷଣା କରାଯାଇଥିବା ସୁଧ ଛାଡ ଯୋଜନା

**#** WDRA(Warehouse) ଦ୍ୱାରା ମାନତ୍ୟାପ୍ରାପ୍ତ ଗୋଦାମ ଦ୍ୱାରା ଜାରି ।

# ସନ୍ଦେଶ-୪ ଫସଲ ବୀମା- ପ୍ରାଧାନ ମନ୍ତ୍ରୀ ଫସଲ ବୀମା (PMFBY)

## ବ୍ୟାପକ ବୀମା କଭର

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଫସଲ ହାନି ପାଇଁ ବ୍ୟାପକ ବୀମା କଭର ପ୍ରଦାନ କରେ । ଯାହାଦ୍ୱାରା ଚାଷୀର ଆୟକୁ ସ୍ଥିର ରଖିବାରେ ସହାୟକ ହୁଏ ଏବଂ ଚାଷ ପାଇଁ ଅଭିନବ ଉପାୟ ଓ ପ୍ରଥାକୁ ଆପଣେଇବାକୁ ପ୍ରୋତ୍ସାହିତ କରିଥାଏ ।

## କମ୍ ଦରରେ ପ୍ରିମିୟମ୍

(**PMFBY**) ଅତି ଅତି କମ୍ ଦର ପ୍ରିମିୟମର୍‌ରେ ଉପଲବ୍ଧ ରାଶିର ଅଧିକତମ ୧.୫% ରବି ଜାତୀୟ ଫସଲ, ଶତକଡ଼ା ୨ ହାର ଖରିଫ୍ ଏବଂ ବାଣିଜ୍ୟିକ ଫସଲ ପାଇଁ ମୋଟ ବୀମା ରାଶିର ଅଧିକତମ ଶତକଡ଼ା ୫ହାରରେ ଚାଷୀ ମାନଙ୍କ ପାଇଁ ପ୍ରିମିୟମ୍ ଉପଲବ୍ଧ । ଏହି ବୀମା ଯୋଜନା ନିର୍ଦ୍ଧିଷ୍ଟ ଘଟଣାରେ ଅମଳ ପରେ ହେଉଥିବା କ୍ଷତି ସହିତ ଫସଲ ଚକ୍ରର ପ୍ରତ୍ୟେକ ସୋପାନ ପାଇଁ ଏହି ବୀମା କଭର୍ କରେ ।

## ପ୍ରିମିୟମ୍‌ର ପାର୍ଥକ୍ୟ ବା ଅନ୍ତର

ଚାଷୀମାନଙ୍କ ଦ୍ୱାରା ଦେୟ ବୀମା ଶୁଳ୍କ ଏବଂ ପ୍ରିମିୟମ୍ ମଧ୍ୟରେ ଥିବା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମାନ ଭାବରେ ବଣ୍ଟା ଯାଇଥାଏ ।



## ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଉତ୍ପାଦିତ ଦ୍ରବ୍ୟର କ୍ଷତି ପାଇଁ ବୀମା

ପ୍ରାକୃତିକ ଅଗ୍ନି ଓ ବିଜୁଳି ବା ବଜ୍ରପାତ, ବାତ୍ୟା, କରକାପାତ, ଚକ୍ରଜାତ ତୋଫାନ, ଝଡ଼, ଘୁର୍ଣ୍ଣିଝଡ଼, ଝଞ୍ଜାବାତ, ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ, ଫସଲରେ କୀଟ ଲାଗିବା ରୋଗ ଲାଗିବ ଇତ୍ୟାଦି ହେତୁ ଫସଲହାନି ବା ଅମଳ ପରେ କ୍ଷତି ହେଲେ ସ୍ଥାନୀୟ ଆପଦ (କରକାପାତ, ଭୂସ୍ଖଳନ, ବନ୍ୟା) ନିର୍ଦ୍ଧିଷ୍ଟ ଚାଷ ଜମିର କ୍ଷତି (ଅଧିସୂଚିତ ଅଞ୍ଚଳର) ଏହି ବୀମା ଅନ୍ତର୍ଗତ ରହେ ।

## କ୍ଷତି ପୂର୍ତ୍ତିର ୩ଟି ସ୍ତର

ଅଞ୍ଚଳରେ ଫସଲ କ୍ଷତି ସମ୍ବନ୍ଧିତ ସମସ୍ତ ଫସଲ ପାଇଁ କ୍ଷତିପୂର୍ତ୍ତି ଶତକଡା ୭୦,୮୦ ଓ ୯୦ ଭାଗ ଏଭଳି ତିନି ସ୍ତରରେ ଉପଲବ୍ଧ

## ଋଣକର୍ତ୍ତା ଚାଷୀ ପାଇଁ ଅନିବାର୍ଯ୍ୟ

ଅଧିସୂଚିତ ଫସଲ ସକାଶେ ଫସଲ ଋଣ ।
(**KCC**) ଖାତା କରିଥିବା ଋଣକର୍ତ୍ତା ଚାଷୀଙ୍କ ପାଇଁ ଏ ଯୋଜନା ଅନିବାର୍ଯ୍ୟ ଅଟେ ।
କିନ୍ତୁ ଅଣଋରୀ ଚାଷୀଙ୍କ ପାଇଁ ଏହା ଇଚ୍ଛାଧୀନ ଅଟେ ।
ଯାହାପାଖରେ ବୀମାଭୁକ୍ତ ଫସଲ ।
ଫସଲ ସବୁର ବୀମାଯୋଗ୍ୟ ହିତ ରହିଛି ।




କ୍ଷତିପୂର୍ତ୍ତି = କାନୁନୀ ଦାୟିତ୍ୱ, ହାନି ବା ବିତ୍ତୀୟ ବୋଝରୁ ସୁରକ୍ଷା ।

**ସନ୍ଦେଶ ୫ - ପ୍ରାକୃତିକ ବିପତ୍ତି ଯୋଗୁଁ ଫସଲହାନି ହେଲେ ଧର୍ଯ୍ୟହରା ହୁଅନ୍ତୁ ନାହିଁ । ଆପଣଙ୍କ ବ୍ୟାଙ୍କକୁ ଫସଲ ସମ୍ପର୍କିତ କ୍ଷତି ସମ୍ପର୍କରେ ଅବଗତ କରାନ୍ତୁ ଏବଂ ବ୍ୟାଙ୍କ୍ ଠାରୁ ସହାୟତା ମାଗନ୍ତୁ ।**



ଯଦି କେନ୍ଦ୍ର ବା ରାଜ୍ୟ ସରକାର ଆପଣଙ୍କ ଅଞ୍ଚଳକୁ ପ୍ରାକୃତିକ ବିପର୍ଯ୍ୟୟ(ଚକ୍ରଵାତ, ମରୁଡ଼ି, ଭୂକମ୍ପ, ଅଗ୍ନି, ବନ୍ୟା, ସୁନାମି,କରକାପାତ, ଭୂସ୍ଖଳନ, ହିମସ୍ଖଳନ, ପ୍ରଚୁର ବୃଷ୍ଟି, କୀଟ ଆକ୍ରମଣ, ଶୀତ ଲହର, କୁହୁଡ଼ି(ତୁଷାରପାତ) ଅଞ୍ଚଳ ରୂପେ ଘୋଷଣା କରନ୍ତି ଓ ଫସଲହାନି ଶତକଡ଼ା ୩୩ ଭାଗ କିମ୍ବା ତତୋଧିକ ହୋଇଥାଏ ତା'ହେଲେ ଆପଣ ଆପଣଙ୍କ ଋଣ ପ୍ରଦାନକାରୀ ବ୍ୟାଙ୍କ୍ ସହ ସମ୍ପର୍କ କରନ୍ତୁ, କାହିଁକି ନା ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଆପଣଙ୍କ ଋଣ ପରିଶୋଧ କରିବା କ୍ଷମତା କମ୍ ହୋଇଯାଇପାରେ ।

## ବ୍ୟାଙ୍କ୍ ଆପଣଙ୍କ ପାଇଁ କ'ଣ କରିପାରେ ?




### ସ୍ୱଳ୍ପମିଆଦୀ ଋଣ(ଫସଲ ଋଣ)

ଯଦି କ୍ଷତିର ପରିମାଣ ୩୩ ରୁ ୫୦% ମଧ୍ୟରେ ରହେ, ଋଣ ପରିଶୋଧ ଅବଧି ୨ବର୍ଷ ପର୍ଯ୍ୟନ୍ତ ଏକ ବର୍ଷ ଅଧିସ୍ଥାପନ ଅବଧି ମଧ୍ୟ ଏହାର ଅନ୍ତର୍ଗତ ଅଟେ । ତଥା ୫୦% ରୁ ଅଧିକ କ୍ଷତି ହୁଏ, ସେ ସ୍ଥଳରେ ଋଣ ପରିଶୋଧ ପୁନର୍ରଚନା ହେତୁ ଅଧିକତମ ୫ବର୍ଷ ପର୍ଯ୍ୟନ୍ତ ବଢ଼ାଇବା ପାଇଁ ଅନୁମତି ଦିଆଯାଏ ।

ଆପଣଙ୍କ ସ୍ୱଳ୍ପମିଆଦୀ ଋଣର ସୁଧ ଓ ମୂଳଧନକୁ ଦୀର୍ଘମିଆଦୀ ଋଣରେ ପରିବର୍ତ୍ତନ କରନ୍ତୁ ।

ପୁର୍ନରଚନା କ୍ଷେତ୍ରରେ ଅଧିସ୍ଥାପନ ଅତି କମ୍‌ରେ ଏକ ବର୍ଷ କରିବା ପାଇଁ ବିଚାର କରାଯିବ । ଆହୁରି ମଧ୍ୟ ବ୍ୟାଙ୍କ୍ ଏ ପ୍ରକାର ପୁର୍ନଗଠିତ ଋଣ ସକାଶେ ଅତିରିକ୍ତ ସହପାର୍ଶ୍ୱିକ ବନ୍ଧକ ବାଧ କରିବେ ନାହିଁ ।

କୃଷିଋଣ-ଦୀର୍ଘମିଆଦୀ(ନିବେଶ) ଋଣ -ଆପଣଙ୍କ ପରିଶୋଧ କ୍ଷମତା ତଥା ପ୍ରାକୃତିକ ବିପର୍ଯ୍ୟୟର ପ୍ରକାର ଓ ସୀମାକୁ ଧ୍ୟାନରେ ରଖି ନୂତନ ମିଆଦି ଋଣର କିସ୍ତି କୁ ପୁନନିର୍ଦ୍ଧାରଣ କରାଯାଏ ।

ଆପଣଙ୍କର ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ ହାନି ହେଉଛି, ବ୍ୟାଙ୍କ୍‌ଠୁ ଶାଖାକୁ ସୂଚନା ଦେଇ ବ୍ୟାଙ୍କୁ ସହାୟତା ନେବା କରିବା ଆପଣଙ୍କ କର୍ତ୍ତବ୍ୟ ।

# ଲକ୍ଷ୍ୟବିଶିଷ୍ଟ ଆର୍ଥିକ ସକ୍ଷରତା ସାମଗ୍ରୀ

ଭାରତୀୟ ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ଶ୍ରୀ ଦୀପକ ମହାନ୍ତିଙ୍କ ଅଧକ୍ଷତାରେ ଗଠିତ କମିଟିର ଏକ ସୁପାରିସରେ ବିତ୍ତ ସମାବେଶନ ଉପରେ ମଧ୍ୟାବଧି ପଥ ସମ୍ବନ୍ଧୀୟ ସମିତିର ଏକ ସୁପାରିସ ଗୁଡ଼ିକରେ ଏହା ଉପଲବ୍ଧ ଯେ, ଆର୍ଥିକ ଶିକ୍ଷା ସକାଶେ 'ସଭିଙ୍କ ପାଇଁ ଏକ ପ୍ରକାର ଶିକ୍ଷା' ବିଶିଷ୍ଟ ଦୃଷ୍ଟି କୋଣ ହୁଏତ ଉଚିତ୍ ହେବ ନାହିଁ । କାରଣ ବିଭିନ୍ନ ଲକ୍ଷ୍ୟ ସମୂହର ବିଭିନ୍ନ ପ୍ରକାରର ଆର୍ଥିକ ଶିକ୍ଷାର ଆବଶ୍ୟକତା ରହେ । ପରିଣାମ ସ୍ୱରୂପ, ସାକ୍ଷରତା ସାମଗ୍ରୀକୁ ବିଭିନ୍ନ ଲକ୍ଷ୍ୟ ସମୂହ ପାଇଁ ଅନୁକୂଳ କରିବା ଆବଶ୍ୟକତା ରହିଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଅର୍ନ୍ତଭୁକ୍ତି  କରଣ ଓ ବିକାଶ ବିଭାଗ ୫ଟି ଅଲଗା ଅଲଗା ଗୋଷ୍ଠୀ ଯଥା- ଚାଷୀ, ଲଘୁ-ଉଦ୍ୟୋଗୀ, ସ୍କୁଲ୍ ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଅନୁକୂଳ ଆର୍ଥିକ ସାକ୍ଷରତା ସାମଗ୍ରୀ ଶୃଙ୍ଖଳାରେ ୫ଟି ପୁସ୍ତିକା ପ୍ରସ୍ତୁତ କରିଛି । ଏହି ଆନୁକୁଳିତ ପୁସ୍ତକ ସେଥିମଧ୍ୟରୁ ଗୋଟିଏ ।

**ସତ୍ତ୍ୱ ପ୍ରତ୍ୟାଖ୍ୟାନ**

ଏହି ପୁସ୍ତକଟି ସାଧାରଣ ନାଗରିକଙ୍କୁ ସୂଚନା ପ୍ରଦାନ ଓ ମାର୍ଗ ଦର୍ଶନ ନିମିତ୍ତ ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ଶିକ୍ଷା ପ୍ରାବଧାନ ଉଦ୍ଦିଷ୍ଟ । ଏହାର ଉଦ୍ଦେଶ୍ୟ କୌଣସି ବି ଆର୍ଥିକ ଉତ୍ପାଦ / ଉତ୍ପାଦ ଗୁଡ଼ିକ ବା ସେବା ସମ୍ବନ୍ଧୀୟ ନିର୍ଣ୍ଣୟ ନେବା ପାଇଁ ପାଠକଙ୍କୁ କହିବା ନୁହେଁ ।

**କପିରାଇଟ୍**

ପ୍ରଥମ ପ୍ରକାଶ – ଅପ୍ରେଲ୍ ୨୦୧୮

ଏହି ସାମଗ୍ରୀକୁ ପୁନଃ ପ୍ରସ୍ତୁତ କରିବା ପାଇଁ ଅନୁମତି ରହିଛି । କିନ୍ତୁ ସାମଗ୍ରୀ ସ୍ରୋତର ଅଭିସ୍ୱୀକୃତି ଆବଶ୍ୟକ ।

**ରଚନା ଓ ପ୍ରକାଶନ**

ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ସହିଦ୍ ଭଗତ୍ ସିଂହ ମାର୍ଗ,

ଫୋର୍ଟ

ମୁମ୍ବାଇ – ୪୦୦୦୦୧, ଭାରତ

**ସ୍ୱୀକାର**

ଡିଜାଇନ୍- କୌଶିକ୍ ରାମଚନ୍ଦ୍ରନ୍

**ଆର୍ଥିକ ଅର୍ନ୍ତଭୁକ୍ତି କରଣ ଓ ବିକାଶ ବିଭାଗ**

ଭାରତୀୟ ରିଜର୍ଭ ବ୍ୟାଙ୍କ୍

୧୦ମ ମହଲା, କେନ୍ଦ୍ରୀୟ କାର୍ଯ୍ୟାଳୟ ଭବନ

ଫୋର୍ଟ, ମୁମ୍ବାଇ - ୪୦୦୦୦୧, ଭାରତ